# ଓଡିଶାସରକାର
# ରାଜସ୍ୱଓବିପର୍ଯ୍ୟୟପରିଚାଳନାବିଭାଗ
## ଘୋଷଣା

ସଂଖ୍ୟା **RDM-LAC-SUN-0001-2018** - 36868 /R&DM,ତା- 25 NOV 2019

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ସୁନ୍ଦରଗଡ ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଟି ପଞ୍ଚାୟତର ୦୨ ଗୋଟି ଗ୍ରାମର ରେ ମୋଟ ୭.୯୩୭ ଏକର (କଲମଙ୍ଗ- ୨.୧୪୦ ଓ ଘୋଡାବୁଢାଣି- ୫.୭୯୭) ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଘୋଡାବୁଢାଣି – ସାଗାସାହି ଲୌହ ଧାତୁ ବ୍ଲକରୁ ଲୁହାପଥର ଉତ୍ତୋଳନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି, ଏସାର ଷ୍ଟୀଲ ଇଣ୍ଡିଆ ଲିମିଟେଡ ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି ନିମନ୍ତେ, ସୁନ୍ଦରଗଡ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମାକରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ଏହି ପ୍ରକଳ୍ପ ର ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉ ଥିବା ୦୨ ଟି ଗ୍ରାମର ଏକର ୭.୯୩୭ ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

*୨. ଏହି ପ୍ରକଳ୍ପ* ପାଇଁ ୦୨ ଟି ଗ୍ରାମ ରେ ଏକର ୭.୯୩୭ ଡି. ଜାଗା ଅଧିଗୃହିତ ହେବ ଏବଂ ଜିଲ୍ଲାପାଳ, ସୁନ୍ଦରଗଡ ଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ମୋଟ ୨୨ ଟି ପରିବାର କ୍ଷ୍ୟତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୭ ନିୟମ ଅନୁଯାୟୀ ଉଚିତ କ୍ଷ୍ୟତିପୂରଣ କରାଯିବ ।

୪. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ।

୫. ପୂର୍ବରୁ ଏହି ଗ୍ରାମ ରେ ଅଧିଗୃହିତ ହୋଇ ଥିବା ବଳକା ଜମି ନାହିଁ । ଏହି ପ୍ରସସ୍ତିକରଣ ପ୍ରକଳ୍ପ ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୬. ପ୍ରଭାବିତ ଗ୍ରାମରେ ଜନ ଶୁଣାଣି ମଧ କରାଯାଇ ଅଛି। ଜିଲ୍ଲାପାଳ ସୁନ୍ଦରଗଡଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 1062/ 04.10.2019 ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ଏସାର ଷ୍ଟୀଲ ଇଣ୍ଡିଆ ଲିମିଟେଡ କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

କ୍ରମଶଃ

ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୁପଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

## ତଫସିଲ- କ

(ପ୍ରସ୍ତାବିତଭୂମିଅଧିଗ୍ରହଣଅନୁସୂଚୀ)

ଜିଲ୍ଲା: - ସୁନ୍ଦରଗଡ଼　　　　　　　　ତହସିଲ: - କୋଇଡା

| ଗ୍ରାମରନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ରମୋଟ ରକବା | ଅଧିଗ୍ରହଣହେବାକୁ ଥିବା ଜମି ର ରକବା (ଏକରରେ ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭. | ୮ |
| କଲମଙ୍ଗ | **ଗ୍ରାମାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | **୦୨.୧୪୦** | ଏଥିସହିତ ସଂଲଗ୍ନ |
| ଘାଡାବୁଢାଣି | **ଗ୍ରାମାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | **୦୫.୭୯୭** | ଏଥିସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର ୭.୯୩୭ ଡି.

ରାଜ୍ୟପାଳଙ୍କଆଦେଶକ୍ରମେ

ଅତିରିକ୍ତ ଶାସନସଚିବ

Memo No. 36869 dtd. 25 NOV 2019

Copy forwarded to the Director, Printing Stationary & Publication, Odisha, Cuttack for information and necessary. He is requested to publish the Declaration in the next issue of the Odisha Gazette as this is a statutory one.

SRO Number may be allotted to this publication.

Sd/- 25/11/19

Officer on Special Duty

Memo No. 36870 dtd. 25 NOV 2019

Copy forwarded to Steel & Mines Department for information and necessary action.

Sd/- 25/11/19

Officer on Special Duty

Memo No. 36871 dtd. 25 NOV 2019

Copy forwarded to RDC (ND), Sambalpur/ Collector, Sundargarh for information and necessary action.

Sd/- 25/11/19

Officer on Special Duty

Memo No. 36872 dtd. 25 NOV 2019

Copy forwarded to the Coordinator, State SIA Unit, Nabakrushna Choudhury Centre for Development Studies, Bhubaneswar-751013 for information and necessary action.

Sd/- 25/11/19

Officer on Special Duty

Memo No. 36873 dtd. 25 NOV 2019

Copy forwarded to the e-Governance Cell, R & DM Department with a request to upload the SIA Declaration in this Department website for information of General Public.

Sd/- 25/11/19

Officer on Special Duty

# ଏସାର ଷ୍ଟିଲ ପ୍ରକଳ୍ପ ନିମନ୍ତେ ଜମି ତାଲିକା

ମୌଜା – କଲମଙ୍ଗ,  ଥାନା – କୋଇଡା,  ତହସିଲ – କୋଇଡା,  ଜିଲ୍ଲା – ସୁନ୍ଦରଗଡ

| କ୍ର. ନଂ | ଖାତା ନଂ | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏ.) | ଅର୍ଜନ ହେଉଥିବା ରକବା (ଏ.) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୬୩ | ହରି ବେହେରା, କୁନୁ ବେହେରା, ପିତା-ଭରତ ବେହେରା, ଜାତି – କୁମ୍ଭାର, ବାସସ୍ଥାନ- ନିଜ ଗାଁ | ୫୧୪ | ଗୋଡା-୧ | ୧.୯୦ | ୧.୭୪୫ | |
| ୨ | ୦୫ | ଅମୂଲ୍ୟ ନାୟକ, ପିତା- ସାଧୁ ନାୟକ, ଗୁରୁବାରି ନାୟକ, ସ୍ୱାମୀ- ସାଧୁ ନାୟକ, ଜାତି – ଭୂୟାଁ, ବାସସ୍ଥାନ- ନିଜ ଗାଁ | ୩୭ | ଗୋଡା-୧ | ୩.୫୩ | ୦.୩୯୫ | |

ମୋଟ୍ ଅର୍ଜନ ରକବା – ୨.୧୪୦

# ଏସାର ଷ୍ଟିଲ ପ୍ରକଳ୍ପ ନିମନ୍ତେ ଜମି ତାଲିକା

ମୌଜା – ଘୋଡାବୁଢାଣି, ଥାନା – କୋଇଡା, ତହସିଲ – କୋଇଡା, ଜିଲ୍ଲା – ସୁନ୍ଦରଗଡ

| କ୍ର. ନଂ | ଖାତା ନଂ | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏ.) | ଅର୍ଜନ ହେଉଥିବା ରକବା (ଏ.) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୦୨ | କାହ୍ନୁ ମୁଣ୍ଡା, ବାଟୁ ମୁଣ୍ଡା, ଦୁଦୁରୁ ମୁଣ୍ଡା, ପିତା – ଦାମ ମୁଣ୍ଡା, ଜାତି – କୋହ୍ଲ, ବାସସ୍ଥାନ – ନିଜ ଗାଁ | ୦୩ | ଗୋଡା -୧ | ୨.୩୨ | ୦.୦୪ | |
| ୨ | ୦୪ | ଦଶରା ମୁଣ୍ଡା, ପିତା – ମାଛୁ ମୁଣ୍ଡା, ଜାତି – ମୁଣ୍ଡା, ବାସସ୍ଥାନ – ନିଜ ଗାଁ | ୧୦୪ | ଗୋଡା -୨ | ୩.୯୫ | ୨.୩୧ | |
| | | | ୭୭ | ମା.ସା | ୧.୪୩ | ୦.୦୪୭ | |
| | | | ୭୨ | ମା.ସା | ୨.୨୮ | ୧.୮୧ | |
| | | | ୭୧ | ମା.ସା | ୦.୯୯ | ୦.୯୯ | |
| | | | ୭୦ | ମା.ସା | ୦.୬୦ | ୦.୬୦ | |

ମୋଟ୍ ଅର୍ଜନ ରକବା – ୫.୭୯୭